ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 12-01-2024

ମୟୁରଭଞ୍ଜ(ଓଡିଶା) - :2024-01-12 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-13 | 2024-01-14 | 2024-01-15 | 2024-01-16 | 2024-01-17 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.2 | 27.0 | 28.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 12.0 | 12.0 | 12.0 | 13.0 | 13.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 41 | 37 | 41 | 60 | 86 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 23 | 19 | 20 | 23 | 36 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 9 | 7 | 5 | 5 | 8 |
| ପବନର ଦିଗ (ଡିଗ୍ରୀ) | 252 | 255 | 225 | 171 | 189 |
| ମେଘାଚ୍ଛନ (ଅକ୍ଟା) | 0 | 0 | 0 | 0 | 4 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ସ୍ୱଚ୍ଛ ରୁ ଆଂଶିକ ମେଘୁଆ ଆକାଶ ସହିତ ଜିଲ୍ଲାରେ ପାଗ ଶୁଖିଲା ରହିବ \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୫.୦ ରୁ ୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୭.୦°C ରୁ ୨୮.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୨.୦°C ରୁ ୧୩.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୩୭ ରୁ ୮୬ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୧୯ ରୁ ୩୬ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ । କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣର ବ୍ୟବସ୍ଥା କରନ୍ତୁ । ରବି ପନିପରିବା ରେ ଘାସ ବାଛି କୋଡାଖୋସା କରନ୍ତୁ । କୋବି ଜାତୀୟ ପନିପରିବା ଫସଲରେ ୭-୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ । ଶୀତ ଋତୁ ରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ଵାରା ଆଚ୍ଛାଦିକରଣ କରିବାର ବ୍ୟବସ୍ଥା କରନ୍ତୁ । କୁକୁଡା ରହୁଥିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ୍ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଶୀତ ଦିନିଆ ପନିପରିବା, କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣିରେ ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ |

<table>
<tr><th>ଶସ୍ୟ</th><th>ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ</th></tr>
<tr><td></td><td>ତେବେ କାଦୁଅ କିମ୍ବା ସେଲୋଟ୍ୟାପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ ।</td></tr>
<tr><td>ଧାନ</td><td>ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମନସ୍ୱିନୀ, ଡ଼ିଆରଆର-୪୨, ଡ଼ିଆରଆର-୪୩, ଡ଼ିଆରଆର-୪୪, ବୀଣା-୧୧, ଜିବି-୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧, ନବିନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୨୦ କିଲୋଗ୍ରାମ ଧାନ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୋଇଥାଏ । ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନରେ ୨-ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩- ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ ।</td></tr>
<tr><td>ବାଦାମ</td><td>ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି- Profenophos ନାମକ କୀଟନାଶକ କିମ୍ବା ୪୦୦ ମିଲି- Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।</td></tr>
<tr><td>ସୂଂଫ୍ଲୋବେର</td><td>ବର୍ତ୍ତମାନ ରବି ସୂର୍ଯ୍ୟମୁଖୀ ଫସଲ ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣାବୁଣି କାମ ଶେଷ କରନ୍ତୁ | ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ମର୍ଡନ୍, ସନରାଇଜ୍, ସୂର୍ଯ୍ୟ ଓ ହାଇବ୍ରିଡ୍ କିସମ ଯଥା କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୩ ଓ ଏମ୍.ଏସ୍.ଏଫ୍.ଏଚ୍ ଆଦି କିସମ ଲଗାନ୍ତୁ | ଏକର ପ୍ରତି ଅଧିକ ଅମଳକ୍ଷମ କିସମ ଅଣଜଳସେଚିତ ଜମିରେ ୪ କି.ଗ୍ରା, ଜଳସେଚିତ ଜମିରେ ୩.୫ କି.ଗ୍ରା ବିହନ ଓ ହାଇବ୍ରିଡ୍ କିସମ ଜଳସେଚିତ ଜମିରେ ୨ରୁ ୨.୫ କି.ଗ୍ରା, ଜଳସେଚିତ ଜମିରେ ୧.୫ ରୁ ୨ କି.ଗ୍ରା ବିହନ ଦରକାର ହୋଇଥାଏ | ବୁଣାର ପୁର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ଓ ବିହନ ବିଶୋଧନ କରି ବୁଣନ୍ତୁ | ୧ କି.ଗ୍ରା ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜୁମ୍ ମିଶାଇ ବିହନ ବିଶୋଧନ କରନ୍ତୁ | ଝାଉଁଳା ରୋଗ ଦୁରେଇବା ପାଇଁ ପ୍ରତି କି.ଗ୍ରା ବିହନକୁ ୪ ଗ୍ରାମ୍ ଟ୍ରାଇକୋଗ୍ରାମ୍ ଦ୍ୱାରା ବିହନ କୁ ଉପଚାର କରି ବୁଣନ୍ତୁ | ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ| ଏକର ପ୍ରତି ୨ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ | ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (୮ କି.ଗ୍ରା ଯବକ୍ଷାରଜାନ), ୧୬ କି.ଗ୍ରା ଫସଫରସ୍ ଓ ୧୨</td></tr>
</table>

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କି.ଗ୍ରା ପଟାସ୍ ସାର କୁ ମୂଳସାର ଆକାର ରେ ଧାଡିରେ ପ୍ରୟୋଗ କରନ୍ତୁ \| ହାଇବ୍ରିଡ୍ କିସମ ପାଇଁ ଏହାର ଦୁଇ ଗୁଣ ସାର ପ୍ରୟୋଗ କରନ୍ତୁ \| ଲଗାଇବା ପୂର୍ବରୁ ବିହନକୁ ୧୦-୧୨ ଘଣ୍ଟା ଭଜାଇ ବୁଣିଲେ ଭଲ ଗଜା ହୋଇଥାଏ \| ପାଣିରୁ ଛାଣିବା ପରେ ଏକର ପ୍ରତି ୬୦୦ ଗ୍ରାମ୍ ପଏସବି କଲଚର୍ ରେ ବିହନକୁ ଉପଚାର କରି ବୁଣନ୍ତୁ \| ଧାଡିକୁ ଧାଡି ମଟାଳ ମାଟିରେ ୬୦X୩୦ ଓ ଦୋରସା ମାଟିରେ ୪୫X୩୦ ସେମି ବ୍ୟବଧାନ ରଖି ବିହନ କୁ ୩ ସେମି ଗଭୀରରେ ବୁଣନ୍ତୁ \| |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫୁଲ ରୁ ଫଳ ହେବା (୬-୯ ସପ୍ତାହ) ଅବସ୍ଥାରେ ଅଛି । ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ବାଇଗଣ ଫସଲ ୩୦ ଦିନର ହୋଇଗଲେ କୋଡାଖୋସା କରିଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ବାଇଗଣ ଫସଲ ୪୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଇଗଣ ଚାରା ଲଗେଇବାର ୩୦ ଦିନରେ ଏବଂ ୬୦ ଦିନ ରେ ପ୍ରତି ଲିଟର ପାଣି ରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | ମୁଖ୍ୟ ଜମିରେ ରୁଆ ଯାଇଥିବା ଫୁଲ କୋବି ୫ -୮ ସପ୍ତାହ ଅବସ୍ଥାରେ ଅଛି। ଫୁଲ କୋବି ଫସଲରେ ସାଧାରଣତଃ ବୋରନ ଅଣୁସାର ର ଅଭାବ ଦେଖାଦେଲେ କୋବି ଗଛ ର କାଣ୍ଡ, ପତ୍ର ଉପରେ ପାଣି ଭିଜା ହାଲୁକା ରୁ ଧୂସର ରଙ୍ଗର ଦାଗମାନ ଦେଖାଯାଏ । ଏହା ବ୍ୟତୀତ କାଣ୍ଡ ଫମ୍ପା ହୋଇଥାଏ । ଫୁଲ ଉପରେ ମଧ ଅନୟିମିତ ପାଣିଭିଜା ଦାଗମାନ ଦେଖାଯାଏ ଏବଂ ଫୁଲ କ୍ରମଶଃ ଧୂସର ବାଦାମୀ ରଙ୍ଗର ହୋଇଥାଏ । ଫୁଲ ଛୋଟ ହେବା ସହିତ ଏହାର ସ୍ୱାଦ ତିକ୍ତ ବା ପିତା ହୋଇଥାଏ । ତେଣୁ କୋବି ଫସଲରେ ବୋରନ ଅଣୁସାର ର ଅଭାବ ଜନତି ଗଠନଗତ ସମସ୍ୟା ର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରିନଥିଲେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |
| ଅମୃତଭଣ୍ଡା | ପ୍ରାରମ୍ଭିକ ଅବସ୍ଥାରେ ଦହିଆ/ଚୂର୍ଣ୍ଣପୃଷ୍ଠ ପୋକ ର ପରିଚାଳନା ପାଇଁ ୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ ମିଶାଇ ସିଞ୍ଚନ କରନ୍ତୁ । ଏହା ବ୍ଯତୀତ ଗଛରେ ସାବୁନ ମିଶ୍ରିତ ପାଣି ସିଞ୍ଚନ କରନ୍ତୁ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫସ କିମ୍ବା ୨-ଗ୍ରାମ ଥାୟାମେଥୋକଜମ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ପାଇଁ ସତର୍କ ସୂଚନା ହୋଇଛି। ଗୁହାଳରେ ପବନ ଚଳଚଳ ପାଇଁ ଖାଲି ସ୍ଥାନ ଥିଲେ ରାତିରେ ଏହାକୁ ବନ୍ଦ କରନ୍ତୁ। ଗାଈ ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଟକ | ଆଗାମୀ ଦିନ ରେ ତାପମାତ୍ରା କମିବା ହେବା ର ଆଶଙ୍କା ଥିବାରୁ କୁକୁଡା ଚିଆଁ ପିଛା ୨ ୱାଟ ହିସାବ ରେ ଲାଇଟ ବଲ୍ବ ଲଗାନ୍ତୁ। କୁକୁଡା ଘରେ ପବନ ଚଳଚଳ ପାଇଁ ଖାଲି ସ୍ଥାନ ଥିଲେ ରାତିରେ ଏହାକୁ ବନ୍ଦ କରନ୍ତୁ। କୁକୁଡା ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |